# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୩୭P /ସୂ.ଲୋ.ସଂ, ୦୧/୪/୨୦୧୯

## ଢେଙ୍କାନାଳରେ ଓଡ଼ିଶା ଦିବସ -୨୦୧୯ ପାଳିତ

ଢେଙ୍କାନାଳ, ତା ୦୧/୦୪/୨୦୧୯ରିଖ :- ଢେଙ୍କାନାଳ ସଦର ମହକୁମାରେ ଓଡ଼ିଶା ଦିବସ - ୨୦୧୯ ପାଳିତ ହୋଇଯାଇଛି । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ଢେଙ୍କାନାଳ ପୌରାଞ୍ଚଳରେ "ବନ୍ଦେ ଉତ୍କଳ ଜନନୀ" ସଂଗୀତ ଯାନ ମାଧ୍ୟମରେ ଦୂରଭ୍ରମ ଯନ୍ତ୍ର ଦ୍ୱାରା ଗାନ କରାଯାଇଥିଲା । ଏହି ଅବସରରେ ସକାଳ ଘ ୬.୩୦ ମି. ସମୟରୁ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସହରରେ ଓ ସଂପୃକ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଭାତଫେରୀ କରାଯାଇଥିଲା । ସକାଳ ୮ ଘଣ୍ଟିକା ସମୟରେ ସିଭିଲ୍ କୋର୍ଟ ଛକ ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସ, ଗାନ୍ଧିପାର୍କ ସ୍ଥିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁ ଟାଉନ୍ ହଲ୍‌ରୁ ସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, ମଧୁବାବୁ ଓ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ଜିଲ୍ଲାପାଳ ଶ୍ରୀ ନିଖିଲ ପଭନ କଲ୍ୟାଣ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, ଢେଙ୍କାନାଳ ସଦର ଉପଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ, ଢେଙ୍କାନାଳ ପୌରପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଅଜୟ କୁମାର ସାମନ୍ତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସକାଳ ୯ ଘଣ୍ଟିକା ସମୟରେ ଢେଙ୍କାନାଳ ପୌରପାଳିକା ପରିସର ସ୍ଥିତ ଶହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସଙ୍ଗେ ସଙ୍ଗେ ଶ୍ରୀ ବଳରାମ ମନ୍ଦିର ନିକଟସ୍ଥ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ ଓ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖସ୍ଥ ଡଃ ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିଜିଗୋଳ ସ୍ଥିତ ଶହିଦ ସ୍ମୃତି ସ୍ତମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ନାୟକ, ପୌର

(ଅ.ପୃ.ଦେ.)

ପରିଷଦର କର୍ମଚାରୀ ଅଧିକାରୀ ଶ୍ରୀ ସାମନ୍ତ , ପୌରଯନ୍ତ୍ରୀ ଡଃ ରଶ୍ମୀତା ମିଶ୍ର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ ।

— x —

ଏହା ଢେଙ୍କାନାଳର ସମସ୍ତ ଗଣମାଧ୍ୟମ ପ୍ରତିମାନଙ୍କୁ ପ୍ରେରଣ କରାଯାଉ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

ହେମନ୍ତ କୁମାର ନାୟକ
୦୨/୪/୨୦୧୮

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ